ସକାଳ THE SAKALA



# ସମୀକ୍ଷା ବୈଠକରେ କଳିକେଶଙ୍କ ତାଗିଦ

## ୭ ତାରିଖ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

## ମେଗା ପାନୀୟଜଳ ପ୍ରକଳ୍ପର ମନ୍ଥର ନେଇ ଅସନ୍ତୋଷ

## ଠିକା ସଂସ୍ଥାକୁ ନୋଟିସ୍, ଜରିମାନା ପକାଇବାକୁ ନିର୍ଦ୍ଦେଶ

ବଲାଙ୍ଗିର, ୨୮ ।୩(ସମିସ)

ବଲାଙ୍ଗିର ଜିଲ୍ଲାରେ ଲଗିରହିଥିବା ସ୍ୱାସ୍ଥ୍ୟ ଓ ପାନୀୟଜଳ ସମସ୍ୟାକୁ ନେଇ ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏକ ସମୀକ୍ଷା ବୈଠକରେ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ମୁଖ୍ୟତଃ ବଲାଙ୍ଗିର ଜିଲ୍ଲା ମୁଖ୍ୟ ହସପିଟାଲ, ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲରେ ଲୋକମାନେ ଭୋଗୁଥିବା ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ତାଗିଦ୍ କରିବା ସହ ସମାଧାନ ଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଠିକ ସେହିପରି ବଲାଙ୍ଗିର ସହର ଓ ଗ୍ରାମାଞ୍ଚଳରେ ସବୁଦିନ କିଭଳି ଲୋକମାନେ ଶୁଦ୍ଧପାନୀୟଜଳ ପାଇବେ ସେନେଇ ଅଧିକାରୀମାନେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭୀମଭୋଇ ମେଡିକାଲକଲେଜର ସଭାକକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବିଧାୟକଙ୍କ ସହିତ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଓ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର, ଏଡିଏମଓ ଡ. ପ୍ରଭାତ ଦାସ, ବିବିଏମସିଏଚ ପ୍ରଶାସନିକ ଅଧିକାରୀ ଜୟଶ୍ରୀ ପାଢ଼ୀ, ଅଧୀକ୍ଷକ ଡ. ବାରୁଚି ଦାସ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଡିଏଚଏଚରେ



ଥିବା ଡାକ୍ତର/କର୍ମଚାରୀ ସମସ୍ୟା ତଥା ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ଓ ରକ୍ତଭଣ୍ଡାରର ସମସ୍ୟା କଥା ଉଠିଥିଲା। ଅଧିକାରୀଗଣ ହସପିଟାଲରେ କର୍ମଚାରୀ ଅଭାବ କଥା କହିଥିଲେ। ଆଉଟସୋର୍ସିଂ କର୍ମଚାରୀଙ୍କ ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା, ଲୋକଙ୍କୁ ଦୁର୍ବ୍ୟବାର କରାଯାଉଥିବା ତଥା ରକ୍ତଭଣ୍ଡରରେ ଠିକରେ ରକ୍ତ ପରିଚାଳନା ହେଉ ନ ଥିବା କଥା ଉଠିଥିଲା। ଏପରିକି ରୋଗୀଙ୍କୁ ଷ୍ଟ୍ରେଚର ମିଳୁ ନ ଥିବା ନେଇ ହୋଇଥିବା ଅଭିଯୋଗ ଉପରେ ସିଡିଏମଓ କ'ଣ ସବୁ ପଦକ୍ଷେପ ନେଇଛନ୍ତି ଜଣାଇବାକୁ ବିଧାୟକ କହିଥିଲେ। ରକ୍ତଭଣ୍ଡାରରେ ରକ୍ତଥିଲେ ହଁ ମେଡିକାଲ କଲେଜକୁ ଦିଆଯାଉ ନ ଥିବା ଅଭିଯୋଗ ଉଠିଥିଲା। ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ପ୍ରତ୍ୟହ ଅପରେସନ କରାଯାଉଥିଲେ ହେଁ ଠିକରେ ରକ୍ତ ଯୋଗାଣ ହେଉନାହିଁ ବୋଲି ଜଣାପଡ଼ିଥିଲା। ବିବିଏମସିଏଚକୁ ଦିନକୁ ମାତ୍ର ୫ଟି ରକ୍ତ ପ୍ୟାକେଟ ଦିଆଯାଉଥିବା କୁହାଯାଇଥିଲା। ତେଣୁ ଏହି ସବୁ ସମସ୍ୟାର ସାମାଧାନ କରିବାକୁ ବିଧାୟକ କଳିକେଶ ସିଂହଦେଓ ସିଡିଏମଓଙ୍କୁ ନିର୍ଦ୍ଦେଶ କରିଥିଲେ। ଠିକ ସେହିପରି ବି ବି ଏ ମ ସି ଏ ଚ ହ ସ ପି ଟା ଲ ରେ ସିଟିସ୍କାନ ସୁବିଧା ନ ଥିବା, ଏମଆରଆଇ ଲଗାଇବାର ପ୍ରତିଶ୍ରୁତି କୁଆଡେ ଗଲା ଇତ୍ୟାଦି ପ୍ରଶ୍ନ ଉଠିଥିଲା। ମେଡିକାଲ କଲେଜରେ ଆବଶ୍ୟକ ଡାକ୍ତର, ନର୍ସିଂଷ୍ଟାଫ ଓ ଲେବୋରେଟୋରୀ ଟେକ୍ନିସିଆନ ଇତ୍ୟାଦିଙ୍କ ଅଭାବ ଥିବା ଅଧୀକ୍ଷକ ଡ. ଦାସ ଜଣାଇଥିଲେ। ଏନେଇ ସରକାରଙ୍କୁ ଚଠି ଲେଖନ୍ତୁ। ମୁଁ ମଧ୍ୟ ସରକାରଙ୍କୁ ଏନେଇ ଚିଠି କରିବି ବୋଲି ବିଧାୟକ କହିଥିଲେ। ଆଗକୁ ବିଜେଡି ପକ୍ଷରୁ ରକ୍ତଦାନ ଶିବିର କରାଯାଇ ଲୋକଙ୍କୁ ରକ୍ତର ଆବଶ୍ୟକତାକୁ ପୂରଣ କରାଯିବ ବୋଲି ବିଧାୟକ ଶ୍ରୀ ସିଂହଦେଓ କହିଥିଲେ। ତେବେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସିଡିଏମଓଙ୍କୁ ବିଧାୟକ ନିର୍ଦ୍ଦେଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ କ'ଣ ପଦକ୍ଷେପ ନେଇଛି ସେନେଇ ଆସନ୍ତା ୭ ତାରିଖ ଭିତରେ ରିପୋର୍ଟ ଦେବାକୁ ବିଧାୟକ ନିର୍ଦ୍ଦେଶ କରିଥିଲେ।

ଅନ୍ୟପକ୍ଷେ ଜନସ୍ୱାସ୍ଥ୍ୟ ବିଭାଗ ଓ ଆରଡବ୍ଲୁଏସଏସର ଅଧିକାରୀଙ୍କୁ ନେଇ ପାନୀୟଜଳ ସମସ୍ୟାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦେଓଗାଁ ବ୍ଲକରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ନେଇ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି କାମ କରାଉଥିବା ଠିକା ସଂସ୍ଥାକୁ ନୋଟିସ୍ କରି ଜରିମାନା ପକାଇବାକୁ ବିଧାୟକ ଆରଡବ୍ଲୁଏସଏସ ବିଭାଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ କରିଥିଲେ। ବଲାଙ୍ଗୀର ସହରର ପ୍ରତ୍ୟେକ ୱାର୍ଡର ଗଳିକନ୍ଦିରେ ଯେଭଳି ପାନୀୟଜଳର ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଗାଁରେ ଆବଶ୍ୟକ ନଳକୂଅ ଖନନ, ପାଇପ ଜଳଯୋଗାଣ ନିଶ୍ଚିତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ପ୍ରତ୍ୟେକ ଗ୍ରାମର ତଦନ୍ତ କରି ପାନୀୟଜଳ ସମସ୍ୟାର ସ୍ଥିତି ବିଷୟରେ ଆସନ୍ତା ୭ ତାରିଖ ଭିତରେ ଜଣାଇବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅଧୀକ୍ଷଣଯନ୍ତ୍ରୀ ଇଂ. ଇନ୍ଦ୍ରଜିତ ସାହୁ, ଆରଡବ୍ଲୁଏସଏସ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଗଗନ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**ଲୋଇସିଂହା, ୨୮ ।୩(ସମିସ):** ବଲାଙ୍ଗିର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା-ବଲାଙ୍ଗିର ରାସ୍ତାର ସରଗାଡରେ ଏକ ଅଜଣା ଗାଡ଼ି ଧକ୍କାରେ ଶନିବାର ସକାଳୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ସରଗାଡ ଗାଁର ତିରଲି ନାଗ (୫୨)। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତେଜିତ ଲୋକେ ମୃତଦେହକୁ ରାସ୍ତାରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ପୁଲିସ ଓ ଲୋଇସିଂହା ତହସିଲଦାର ଟିକୁନୁ ପୁଟା ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ରେଡକ୍ରସରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟ ସହାୟତା ଏବଂ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାକୁ ପୁଲିସ୍ ପ୍ରତିଶ୍ରୁତି ଦେବା ପରେ ଲୋକେ ବିକ୍ଷୋଭରୁ ହଟିଥିଲେ। ଏହା ପରେ ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ମେଡ଼ିକାଲ କଲେଜକୁ ପଠାଇଥିଲା। ଶ୍ରମିକ ଜଣକ ତିରଲି ନିକଟସ୍ଥ ଏକ କ୍ରସରେ କାମ କରନ୍ତି। ଶନିବାର କାମ କରିବାକୁ ଯାଇଥିଲେ; ହେଲେ କାମ ନ ହେବାରୁ କ୍ରସରରୁ ଘରକୁ ଫେରୁଥିବେଳେ। ବାଟରେ ବାଦିମୁଣ୍ଡା ପଟୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ଟ୍ରାଭେଲର ତିରଲିଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତିରୋଲଙ୍କ ମୃତ୍ୟୁ ଘଟିଥିଲା।

# ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପାଇଁ ନିମନ୍ତ୍ରଣ



**ବୌଦ୍ଧ, ୨୮ ।୩ (ସମିସ):** ସାରା ରାଜ୍ୟରେ ସରକାରଙ୍କ ପକ୍ଷରୁ ଅପ୍ରେଲ ୨ ତାରିଖରୁ ସରକାରୀ ସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିଲାଗି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ସଚେତନ କରାଯାଉଛି। ଏହିକ୍ରମରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଅଭିଯାନ ହୋଇଛି। ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ବଣ୍ଟା ଯାଇଛି। ଏହି ଅଭିଯାନରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ନାମଲେଖା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଘରକୁ ଘର ବୁଲି ଏମାନେ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ।

# ଘରଘର ବୁଲି ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ



**କଣ୍ଟାବାଞ୍ଜି, ୨୮ ।୩(ସମିସ):** ଓଡ଼ିଶା ସରକାରଙ୍କ ତରଫରୁ ସାରା ରାଜ୍ୟରେ ଚଳିତ ଶିକ୍ଷା ବର୍ଷ ପାଇଁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। ତୁରେକେଲା ବ୍ଲକ ପଖନମୁଣ୍ଡା ଗ୍ରାମର ସମସ୍ତ ଶିଶୁ ଯେଭଳି ବିଦ୍ୟାଳୟରେ ନାମ ଲେଖେଇବେ ସେଥପ୍ରତି ଧ୍ୟାନ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ପଖନମୁଣ୍ଡା ଗ୍ରାମର ବିଭିନ୍ନ ଘର ଘର ଯାଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷକ ହରିଶଙ୍କର ସାହୁ, ବିରଞ୍ଚି ନାରାୟଣ ଦାଶ, ଅଲେଖ ବନଗୋଲା, ମନୋଜ ତାଣ୍ଡୀ, ଶିଶୁ ସେବିକା ଲଳିତା ମାଝୀ, ଶିଶୁ ପ୍ରଯତ୍ନକାରୀ ଭବାନୀ ମାଝୀ ପ୍ରମୁଖ ବିଭିନ୍ନ ବ୍ୟକ୍ତିଙ୍କ ଘରକୁ ଯାଇ ଏହି ନିମନ୍ତ୍ରଣ ପତ୍ର ଦେଇଥିଲେ। ଯେଉଁ ଶିଶୁମାନଙ୍କୁ ୫/୬ବର୍ଷ ହୋଇଛି ତାଙ୍କ ଘରକୁ ଯାଇ ସେମାନଙ୍କୁ ନିମନ୍ତ୍ରଣ ପତ୍ର, ପୁଷ୍ପଗୁଚ୍ଛ ଓ ବର୍ଣ୍ଣୋବୋଧ ବହି ପ୍ରଦାନ କରି ବିଦ୍ୟାଳୟରେ ନାମ ଲେଖେଇବାକୁ ଅନୁରୋଧ କରାଯାଇଛି।

# ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ

## ସଭାପତି ଭାବେ ଛବିଲ କର୍ଣ୍ଣ ବିଜୟୀ, ସମ୍ପାଦକ ଭାବେ ଉମାଶଙ୍କର ପଣ୍ଡା ନିର୍ଦ୍ୱନ୍ଦ୍ୱ ନିର୍ବାଚିତ

**ବୀରମହାରାଜପୁର, ୨୮ ।୩ (ସମିସ):** ବୀରମହାରାଜପୁର ଓକିଲ ସଙ୍ଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ କେବଳ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥଲା। ଉପସଭାପତି, ସମ୍ପାଦକ, ସହ-ସମ୍ପାଦକ, କୋଷାଧ୍ୟକ୍ଷ





ପଦରେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ। ତେଣୁ ସେହି ପଦ ପାଇଁ ନିର୍ବାଚନ ନ ହୋଇ ନିଦ୍ୱର୍ନ୍ଦ୍ୱରେ ସମସ୍ତଙ୍କୁ ନିର୍ବାଚିତ ଘୋଷଣା କରାଯାଇଛି। ଚଳିତ ବର୍ଷ ସଭାପତି ପଦ ପାଇଁ ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ସଭାପତି ପଦ ପାଇଁ ବରିଷ୍ଠ ଆଇନଜୀବୀ ଛବିଲ କର୍ଣ୍ଣ, ହିମାଂଶୁ ଭୋଇ, ରାଧାକାନ୍ତ ବାଘ, ଆଶ୍ରୟ ମହାନନ୍ଦ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୋଟ ୮୧ ଜଣ ସଭ୍ୟ (ଓକିଲ)ଙ୍କ ମଧ୍ୟରୁ ୭୪ ଜଣ ମତଦାନ କରିଥିଲେ। ଜଣକର ଭୋଟ ନାକଚ ହୋଇଥିଲା। ବରିଷ୍ଠ ଓକିଲ ଛବିଲ କର୍ଣ୍ଣଙ୍କୁ ୪୧ ଖଣ୍ଡ ଭୋଟ ମିଳିଥିଲା। ରାଧାକାନ୍ତ ବାଘଙ୍କୁ ୧୭, ସରକାରୀ ଓକିଲ ହିମାଂଶୁ ଭୋଇଙ୍କୁ ୧୨ ଖଣ୍ଡ ଏବଂ ଯୁବ ଆଇନଜୀବୀ ଆଶ୍ରୟ ମହାନନ୍ଦଙ୍କୁ ୩ ଖଣ୍ଡ ଭୋଟ ମିଳିଥିଲା। ଛବିଲ ତାଙ୍କ ପ୍ରତିଦନ୍ଦ୍ୱୀ ରାଧାକାନ୍ତଙ୍କଠାରୁ ୨୪ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ସମ୍ପାଦକ ଭାବେ ଉମାଶଙ୍କର ପଣ୍ଡା(ଖ), ସହ-ସମ୍ପାଦକ ଭାବେ ବିଭୁତି ଭୂଷଣ ହୋତା ଏବଂ ଉପ-ସଭାପତି ଭାବେ ସତ୍ୟନାରାୟଣ ପୁରୋହିତ ନିଦ୍ୱର୍ନ୍ଦ୍ୱରେ ବିଜୟୀ ହୋଇଛନ୍ତି। ନର୍ବାଚନ ଅଧିକାରୀ ପ୍ରଦୀପ ରଥ ଏମାନଙ୍କ ନାମ ଘୋଷଣା କରିଥିଲେ।

# ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ନୂତନ କର୍ମକର୍ତ୍ତା

## ବାସୁଦେବ ସଭାପତି, ଅସିତ୍ ସମ୍ପାଦକ

**ବଲାଙ୍ଗିର, ୨୮ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଓକିଲ ସଂଘ ପକ୍ଷରୁ ୨୦୨୬-୨୭ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍‌ଠାରେ ଅନୁଷ୍ଠିତ ନିର୍ବାଚନରେ ସଭାପତି




ଭାବେ ବାସୁଦେବ ରଥ ୨୭୪ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାଳକୃଷ୍ଣ ଷଡଙ୍ଗୀଙ୍କୁ ୧୮୭ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଉପସଭାପତି ଭାବରେ ଚିନ୍ମୟ ମିଶ୍ର ୨୮୬ଖଣ୍ଡ ଭୋଟ ପାଇ ବିଜୟଲାଭ କରିଛନ୍ତି। ସମ୍ପାଦକ ଭାବେ ଅଶିତ ଷଡଙ୍ଗୀ ୩୦୭ଟି ଭୋଟ ପାଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅମ୍ବୁଜ ମିଶ୍ରଙ୍କୁ ୧୯୪ଟି ଭୋଟରେ ପରାସ୍ତ କରଛନ୍ତି। ସହ ସମ୍ପାଦକ ଭାବରେ ସବିତାରାଣୀ ମିଶ୍ର ନିର୍ବାଚିତ ହୋଇଛନ୍ତି। ଠିକ୍ ସେହିପରି ସଂଘର କୋଷାଧ୍ୟକ୍ଷ ଭାବେ ଶିବଭ୍ର ଦ୍ୱିବେଦୀ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟିକୁ ପ୍ରମୋଦ ତ୍ରିପାଠୀ, ରବିନାରାୟଣ ବହିଦାର, ସତ୍ୟନାରାୟଣ ନାୟକ, ଉମାକାନ୍ତ ସାହୁ, ଆକାଶ ରାଉତ, ବୈଷ୍ଣବ ଚରଣ ସାହୁ, ଦୀପ୍ତି ଶର୍ମା, ମଳୟ ରଞ୍ଜନ ଗଡ଼ତ୍ୟା, ସୁମିତ ଖୁଆସ୍ ଏବଂ ଭବାନୀ ଶଙ୍କର ଭୋଇ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଶଶୀଭୂଷଣ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ବ୍ରଜମୋହନ ମିଶ୍ର, ଜିତେନ୍ଦ୍ର ପୁରୋହିତ, ସୁଧାଂଶୁ ଦେଓ, ବିବେକାନନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସଂଘର ୪୩୪ ଜଣ ସଭ୍ୟ ଭୋଟ ଦେଇଥିଲେ।

# ବେଲପଡ଼ା କଲେଜରେ ଆଲୋଚନାଚକ୍ର

**ବେଲପଡ଼ା, ୨୮ ।୩(ସମିସ):** ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତା କରିଥିବାବେଳେ ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ରମାକାନ୍ତ ପୁଟେଲଙ୍କ ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ପବିତ୍ର ବାଗ ଯୋଗ ଦେଇଥିଲେ। ଅଧ୍ୟାପକ ରମାକାନ୍ତ ପୁଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜା ତାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରତାପ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କୁ ଭୁଜାଲି ମାଡ଼ ଘଟଣାରେ ୨ ଅଭିଯୁକ୍ତ ଗିରଫ

**ଡୁଙ୍ଗୁରିପାଲି, ୨୮ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଇଛାପୁର ପଞ୍ଚାୟତ ସାନ ଫଟାମୁଣ୍ଡା ଗ୍ରାମରେ ଯୁବକଙ୍କୁ ଭୁଜାଲି ମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସାନ ଫଟାମୁଣ୍ଡା ଗ୍ରାମର ଅଭି ଓରଫ କୃଷ୍ଣଚନ୍ଦ୍ର ସେଟ (୨୬) ଓ ତାଙ୍କ ଭାଇ ଦାମ ଓରଫ ହେମସାଗର ସେଟ(୨୪)। ସାନ ଫଟାମୁଣ୍ଡା ଗ୍ରାମର ଗୋଲାପ ଭୋଇ (୩୦) ନିଜ ଘର ଛାତ ଉପରେ ରାତିରେ ଶୋଇଥିଲାବେଳେ ଏମାନେ ତାଙ୍କୁ ଆକ୍ରଣ କରିଥିଲେ। ପରିବାର ଲୋକେ ରକ୍ତ ଜୁଡ଼ୁବୁଡୁ ଅବସ୍ଥାରେ ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ; କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ବଲାଶିଙ୍ଗାରେ ୧୩ ହାତୀ

**ବୌଦ୍ଧ, ୨୮ ।୩(ସମିସ):** ବୌଦ୍ଧ ବନଖଣ୍ଡ ଅଧୀନ ବଡ଼ିଗାଁ ପଞ୍ଚାୟତ ବଲାଶୀଙ୍ଗା ଜଙ୍ଗଲ ଅଞ୍ଚଳରେ ବର୍ତ୍ତମାନ ୧୩ଟି ହାତୀ ବୁଲୁଛନ୍ତି। ଏହି ହାତୀ ପଲ ଯୋଗୁଁ ଚାଷୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ହାତୀ ପଲ ମଧ୍ୟରେ ଏକ ଛୁଆ ହାତୀ ରହିଛି। ଏଣୁ



ଏମାନେ ଜଗି ରହି ସ୍ଥାନ ପରିବର୍ତ୍ତନ କରୁଛନ୍ତି। ୨୦ ଦିନ ତଳେ ଏହି ହାତୀ ପଲ ମର୍ଯ୍ୟାଦପୁର, ଗୋବିନ୍ଦପୁର ଦେଇ ଚଣ୍ଡିଗଡ଼ରେ ପହଞ୍ଚିବା ବେଳେ ବହୁ ଚାଷୀଙ୍କ ଏକର ଏକର ଧାନ ଚାଷ, ତରଭୁଜ, ପନି ପରିବା ମାଡ଼ି ଦଳି ନଷ୍ଟ କରିଥିଲେ। ଅବଶ୍ୟ ମହାନଦୀ ପାର ହୋଇ, ମାନେ ଆଠମଲ୍ଲିକ ବନାଞ୍ଚଳକୁ ପଳାଇଥିଲେ। ୨୫ ଦିନ ପୂର୍ବେ ଆଠମଲିକ ବନଖଣ୍ଡ ଅଞ୍ଚଳରୁ ମହାନଦୀ ଡେଇଁ ଏମାନେ ବଲାସିଙ୍ଗା ଅଞ୍ଚଳକୁ ପ୍ରବେଶ କରିଥିଲେ। କିଛି ଚାଷୀଙ୍କ ଫସଲ ନଷ୍ଟ ହେବା ପରେ ବନ ବିଭାଗ ସେମାନଙ୍କୁ ମହାନଦୀର ଅପରପାର୍ଶ୍ୱକୁ ଘଉଡ଼ାଇ ଦେଇଥିଲା; କିନ୍ତୁ ହାତୀ ଛୁଆ ଥିବାରୁ ଏବଂ ଜଳସ୍ତର କମି ଯିବାରୁ ଏହି ହାତୀ ପଲ ପୁଣି ମହାନଦୀ ଡେଇଁ ବଲାସିଙ୍ଗା ଅଞ୍ଚଳକୁ ଫେରିଛନ୍ତି। ହାତୀ ପଲ ଦ୍ୱାରା ଚାଷୀଙ୍କ ଚାଷ ଓ ପନିପରିବା କିପରି ଅଧିକ ନଷ୍ଟ ନ ହେବ ସେଥିପାଇଁ କଡା ନଜର ରଖିବାକୁ ବନ ବିଭାଗ କର୍ମଚାରୀ ନଜର ରଖିଛି। ସୁରକ୍ଷିତ ଭାବେ ହାତୀ ପଲକୁ ମହାନଦୀ ଅପର ପାର୍ଶ୍ୱକୁ ଘଉଡ଼ାଇବାକୁ ବନ ବିଭାଗ ଚେଷ୍ଟା କରୁଛି।

# ବଲାଙ୍ଗିରରେ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ

**ବଲାଙ୍ଗିର, ୨୮ ।୩(ସମିସ):** ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜରୁରୀକାଳୀନ ବିଭାଗରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏହି ନିୟନ୍ତ୍ରଣ କକ୍ଷ ଏଲପିଜି, ପେଟ୍ରୋଲ, ଡିଜେଲ୍ ସମ୍ପର୍କିତ ସୂଚନା ସଂଗ୍ରହ ଓ ପ୍ରସାରଣ ପାଇଁ କାର୍ଯ୍ୟ କରିବ। ଏଥିପାଇଁ ବଲାଙ୍ଗିର ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟ କେନ୍ଦ୍ରର ୦୬୬୫୨୨୩୨୪୫୨, ୦୬୬୫୨୨୩୦୯୬୯ ଓ ୯୪୩୮୭୭୬୩୯୪ ନମ୍ବର ବିଶିଷ୍ଟ ଟେଲିଫୋନ ସେବା ଉପଲବ୍ଧ କରାଯାଇଛି। ଜିଲ୍ଲାବାସୀ ଏହି ନମ୍ବରଗୁଡ଼ିକ ମାଧ୍ୟମରେ ଏଲପିଜି, ପେଟ୍ରୋଲ ଓ ଡିଜେଲ୍ ସମ୍ପର୍କିତ ନିଜର ସମସ୍ୟା କିମ୍ବା ଅଭିଯୋଗ ପଞ୍ଜୀକରଣ କରିପାରିବେ। ନିୟନ୍ତ୍ରଣ କକ୍ଷରେ ନିଯୁକ୍ତ ସମ୍ପୃକ୍ତ ଅଧିକାରୀମାନେ ପ୍ରାପ୍ତ ସୂଚନା ଓ ଅଭିଯୋଗଗୁଡ଼ିକୁ ଗ୍ରହଣ କରି ସେଗୁଡ଼ିକୁ ତୁରନ୍ତ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଇବେ। ଏହାଦ୍ୱାରା ଆବଶ୍ୟକ ସମୟରେ ସମସ୍ୟାର ସମାଧାନ ସୁନିଶ୍ଚିତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସାଇଟ୍ କଲେଜରେ ବିଶ୍ୱ ନାଟ୍ୟ ଦିବସ ପାଳିତ




**ବଲାଙ୍ଗିର, ୨୮ ।୩(ସମିସ):** ସ୍ଥାନୀୟ ସଦାଇପାଲି ରାମଜୀ ଯୁବକ ସଂଘ ଦ୍ୱାରା ସାଇଟ୍ କଲେଜରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସାଇଟ୍ ନର୍ସିଂ ଅଧ୍ୟକ୍ଷା ସ୍ନିଗ୍ଧାମିନତି ଦାନୀ ଅଧ୍ୟକ୍ଷତା କରଥିଲେ। ବିଶିଷ୍ଟ ସାମାଜିକ କର୍ମୀ ତଥା କଳାକାର ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରୁଦ୍ର ପ୍ରସାଦ ସାଏ, ସୁବାଷ ଦାଶ, ଭାଗବତିଆ ଅଦାବରିଆ, ପ୍ରଶାନ୍ତ ତ୍ରିପାଠୀ, ଲୋକନାଥ ସିଂହ, ସଂଗ୍ରାମକେଶରୀ ତ୍ରିପାଠୀ, ସାନ୍ତନୁ ମିଶ୍ର, ଅଖିଳନାଥ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦୟାନନ୍ଦ ତପୋଭୂମିର ବାର୍ଷିକ ଉତ୍ସବ



**ବୌଦ୍ଧ, ୨୮ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଗୋବଯୋର ଗ୍ରାମର ଦୟାନନ୍ଦ ତପଭୂମି ଆଶ୍ରମଠାରେ ନବମ ବାର୍ଷିକ ବେଦ ଯଜ୍ଞ ଉତ୍ସବ ଅଗ୍ନିହୋତ୍ରୀ ଦୁର୍ଯ୍ୟୋଧନ ଦାସ ଏବଂ ପଣ୍ଡିତ ନିରଞ୍ଜନ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଯଜମାନ ଭାବେ ତପୋଭୂମିର ସଭାପତି ଲକ୍ଷ୍ମଣ ଭୋଇ ଏବଂ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ଭୋଇ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଅଲିକୁଦ, ପାଜିମହାଣ, ରୁଣ୍ଡିମହୁଲ, ବିରସିଂପୁର, ଟାରପାଲି, ଫଗୁଣାମାଳ, କିଲ୍ଲା ପ୍ରଭୃତି ବିଭିନ୍ନ ଗ୍ରାମରୁ ଭକ୍ତ ଯୋଗ ଦେଇଥିଲେ।

## ବୌଦ୍ଧ ରାମଲୀଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଶ୍ରୀରାମଚନ୍ଦ୍ରଙ୍କ ବାଲ୍ୟଲୀଳା ଓ ସୀତା ବିବାହ

ବୌଦ୍ଧ, ୨୮ ।୩(ସମିସ)

ବୌଦ୍ଧ ଗଡ଼ଜାତର ଗଣପର୍ବ ରାମଲୀଳା ଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବାଲ୍ୟଲୀଳା ଓ ସୀତା ବିବାହ ନାଟକ ପରିବେଷିତ ହୋଇଛି। ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ମାରୁତୀ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଚାଲିଛି। ରାମଚନ୍ଦ୍ର ଭୂମିକାରେ ଶ୍ରୀୟାଂଶୁ ମହାରଣା, ସୀତା ଭୂମିକାରେ କ୍ରୀଷ୍ଟା ବେହେରା, ଦଶରଥ ଭୂମିକାରେ ମନୋଜ ସାହୁ, କୌଶଲ୍ୟା ଭୂମିକାରେ ଜଗଦୀଶ ବାରିକ, କୈକେୟୀ ଭୂମିକାରେ ମୁକେଶ ପ୍ରଧାନ, ସୁମିତ୍ରା ଭୂମିକାରେ ସୁଜ୍ଞାନ ଜେନା, କୋଳିବାଲା ଭୂମିକାରେ ଅଶୋକ ବାଘ, ତାଡକା ଭାବେ ସନ୍ତୋଷ ସାହୁ, ଶିବ ଭାବେ ମୁକୁନ ଘିବେଲା, ପାର୍ବତୀ ଭାବେ ଜିତେନ୍ଦ୍ର ମହାନ୍ତି ଅଭିନୟ କରୁଛନ୍ତି।



# ଭୂମିକା ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ



**ବଲାଙ୍ଗିର, ୨୮ ।୩(ସମିସ):** ବଲାଙ୍ଗିର-ସୁବର୍ଣ୍ଣପୁର ସୀମାନ୍ତ ରାଏକେଡ଼ାଠାରେ ଭୂମିକା ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଭୂମିକା ସଭାପତି ଅଖିଳଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ସାଂସ୍କୃତିକ ସଭା ହୋଇଥିଲା। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟପ୍ରାଣ ସନାତନ ଠାକୁର, ନାଟ୍ୟଭୂଷଣ ଜମାଲ ଖାନ ଓ ନାଟ୍ୟ ନିର୍ଦ୍ଦେଶକ ବିଜୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଏକେଡ଼ା ଗ୍ରାମର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟକର୍ମୀ ପ୍ରମୋଦ ମିଶ୍ରଙ୍କୁ ନାଟ୍ୟାଚାର୍ଯ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଭୂମିକା ସହସମ୍ପାଦକ ସୋମ ନାଏକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ସମ୍ପର୍କରେ ସୂଚନା ଦେଇଥିଲେ। ସଦସ୍ୟ ଅର୍ଜ୍ଜୁନ ସାହୁ ମାନପତ୍ର ପାଠ କରିଥିଲେ। ଶେଷରେ ଭୂମିକା ଉପସଭାପତି ନିଗମାନନ୍ଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

■ ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା

# ଶିଶୁ ମୃତ୍ୟୁ ପାଇଁ ସୁପରଭାଇଜରଙ୍କୁ ନୋଟିସ

**ନୂଆପଡ଼ା, ୨୮ ।୩(ସମିସ):** ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶିଶୁ ଓ ମାତୃ ମୃତ୍ୟୁହାରକୁ ଶୂନ୍ୟକୁ



ଆଣିବା ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ଓ ମାତୃ ମୃତ୍ୟୁ ଘଟଣା ପ୍ରତି ଅସନ୍ତୋଷ ବ୍ୟକ୍ତ କରି କୌଣସି ଯୁକ୍ତିସଙ୍ଗତ କାରଣ ବିନା ଏପରି ମୃତ୍ୟୁ ଘଟିଲେ ତାହାକୁ ସାମୂହିକ ବିଫଳତା ଭାବେ ଗଣାଯିବ। ଏହି ପରିପ୍ରେକ୍ଷୀରେ କୋମନା ଅଞ୍ଚଳରେ ଜଣେ ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ମାର୍ଚ୍ଚ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଙ୍ଗନବାଡି କେନ୍ଦ୍ରଗୁଡିକର ସଫା ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ'ଗାଁ ପରିମଳଗାଁ ମୁଣ୍ଡରୁ' ଅଭିଯାନକୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବାକୁ କହିଥିଲେ। ସେହିପରି ସିଡିପିଓମାନଙ୍କୁ ନିୟମିତ ଭାବେ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବାକୁ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ସର୍ବାଧିକ ସଂଖ୍ୟକ କେନ୍ଦ୍ର ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଦେଓବାହାଲ ଅଞ୍ଚଳର ପ୍ଲାଷ୍ଟିକ ମୁକ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଆଦର୍ଶ ଭାବେ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ସମସ୍ତ ଆଇସିଡ଼ିଏସ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ 'ଝିଅ ହୋଇ ନେବି ମୁଁ ଶହେ ଜନମ' ଡାଏଲର ଟ୍ୟୁନ ରୂପେ ବ୍ୟବହାର କରିବାକୁ କରାଯାଇଥିଲା। ବୈଠକରେ ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍.ଗୀତା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଓ ଅନ୍ୟାନ୍ୟ ସମ୍ପୃକ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଲବଲ କରିଛି ମେଲେରିଆ ; ନିୟନ୍ତ୍ରଣକୁ ଫେରିବ କି ସ୍ଥିତି

**ଭବାନୀପାଟଣା, ୨୮ ।୩(ସମିସ)**

କଳାହାଣ୍ଡି ଜିଲ୍ଲାରେ ଗତ କିଛି ବର୍ଷ ଧରି ମେଲେରିଆର ପ୍ରାଦୁର୍ଭାବ ବୃଦ୍ଧି ପାଇ ଆସୁଛି। ମେଲେରିଆ ଜ୍ୱରରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଗତ ୪ବର୍ଷ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୩୮, ୮୧୬ଜଣ। କିନ୍ତୁ ୨୦୨୫ରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଥିଲା। ପୂର୍ବବର୍ଷମାନଙ୍କରେ ଜାନୁଆରୀ ଠାରୁ ମେ'ମାସ ମଧ୍ୟରେ ଯେଉଁ ପରିମାଣରେ ମେଲେରିଆ ରୋଗୀ ଚିହ୍ନଟ ହୋଇଥିଲା ତାହା ଦୁଇଗୁଣକୁ ବୃଦ୍ଧିପାଇ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବିନ୍ଧା ବୃଦ୍ଧି କରିଦେଇଥିଲା। ଜିଲ୍ଲାରେ ସବୁ ପ୍ରକାର ସ୍ୱାସ୍ଥ୍ୟଜନିତ ପ୍ରତିକାର ବ୍ୟବସ୍ଥା ସ୍ୱାସ୍ଥ୍ୟବିଭାଗ ଦ୍ୱାରା ନିଆଯାଉଥିବା କୁହାଯିବା ସତ୍ତ୍ୱେ ଔଷଧ ଯୁକ୍ତ ମଶାରୀ ଆବଶ୍ୟକ ମୁତାବକ ନପହଞ୍ଚିବାରୁ ସ୍ଥିତି ସାଙ୍ଘାତିକ ଆଡ଼କୁ ଗତିକରି ଚାଲିଥିଲା। ସ୍ୱାସ୍ଥ୍ୟ ବିଭାଗ ମେଲେରିଆ ରୋଗୀଙ୍କ ଚିହ୍ନଟ ହାର ବୃଦ୍ଧି ପାଇବା ଘଟଣାକୁ ଗମ୍ଭୀରତାର ସହ ନେବାପରେ ଗତବର୍ଷ ହିଁ ଜିଲ୍ଲାରେ ପହଞ୍ଚିଲା ୮୩୬୦୮୭ ମଶାରୀ। ଗତ ୨୦୨୨ରେ ୩୭୫୯୫୦ଜଣଙ୍କ ରକ୍ତନମୁନା ନିଆଯାଇଥିଲା ସେମାନଙ୍କ ମଧ୍ୟରୁ ୩୮୪୦ଜଣ ମେଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୩ ମସିହାରେ ୪୨୪୮୧୪ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷାପରେ ୭୫୪୩ ଜଣ ମେଲେରିଆ ରୋଗୀ ଚିହ୍ନଟ କରାଯାଇଥିଲା। ୨୦୨୪ରେ ୪୮୦୯୭୨ ଜଣଙ୍କ ରକ୍ତନମୁନା ପରୀକ୍ଷାପରେ

**୮ ଲକ୍ଷରୁ ଊର୍ଦ୍ଧ୍ୱ ମଶାରୀ ବଣ୍ଟନ**

୧୪୩୯୯ଜଣ ମେଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ଯାହାକି ସ୍ୱାସ୍ଥ୍ୟବିଭାଗ ପାଇଁ ଉଦ୍‌ବେଗର କାରଣ କୁହାଯାଇପାରେ। କେବଳ ସେତିକିନୁହେଁ ପୂର୍ବବର୍ଷମାନଙ୍କରେ ଜାନୁଆରୀ ମାସରୁ ମେ' ମାସ ଭିତରେ ମେଲେରିଆ ରୋଗୀଙ୍କ ସଂଖ୍ୟା ମାତ୍ର ୨୦୯୧ ଥିବାବେଳେ ୨୦୨୫ରେ ତାହା ବୃଦ୍ଧି ପାଇ ୪୩୨୧ରୋଗୀ ସଂଖ୍ୟା ଛୁଇଁଥିଲା। ଜିଲ୍ଲାରେ ଥିବା ୧୩ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ହିସାବରୁ ଜଣାଯାଇଛି ଯେ ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକ, ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଗାଁ ଗୁଡିକରେ



ମେଲେରିଆ ପାଦୁର୍ଭାବ ସାଂଘାତିକ ସ୍ଥିତି ସୃଷ୍ଟି କରୁଛି। ୨୦୨୪ରୁ ମେଲେରିଆ ଗ୍ରାମାଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଚାଲିଛି। ମେଲେରିଆ ରୋଗରୁ ଶିକାର ନହେବା ଲାଗି ଔଷଧ ଯୁକ୍ତ ମଶାରୀ ବଣ୍ଟନ ସହିତ ଆଶା ଜର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଜରୁରୀକାଳୀନ ଔଷଧ ବାଣ୍ଟିଛନ୍ତି। ତେଣୁ ମେଲେରିଆ ରୋଗୀଙ୍କ ହାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ମଶାରୀ ହିତାଧିକାରୀ ନିକଟରେ ପହଞ୍ଚିଲା କି ନାହିଁ ତାହାର ଯାଞ୍ଚ ହେବା ସହ ଔଷଧର ବ୍ୟବହାରକୁ ନେଇ ସଚେତନ କରିବା ଗୁରୁତ୍ୱପୂର୍ଣ୍ଣ। ଲାଞ୍ଜିଗଡ଼ ବ୍ଲକର ଉପାନ୍ତରେ ଥିବା ଗାଁମାନଙ୍କରେ ପ୍ରତିଘରେ ମେଲେରିଆ ରୋଗୀଥିବା ଖବର ହସ୍ତଗତ ହେଉଛି। ସେହିଭଳି ଥୁଆମୂଳ ରାମପୁର ବ୍ଲକର ବୁଡି ଅଞ୍ଚଳ ବେଶ ପ୍ରଭାବିତ ହେଉଛି। ଜନନୀ ଯନ୍ତ୍ରଣା ହେଉ କି ମେଲେରିଆ, ଡେଙ୍ଗୁ, ଝାଡ଼ାବାନ୍ତି ରୋଗରେ ଶିକାର ହେଉଥିବା ରୋଗୀ ଚିକିତ୍ସା ପାଇଁ ଏବେ ବି କେତେକ ଅଞ୍ଚଳରୁ ଖଟିଆରେ ବୁହାହୋଇ ଆସୁଥିବାର ବିକଳ ଚିତ୍ର ଦେଖିବାକୁ ମିଳୁଛି।ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ମେଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ବାସ୍ତବତାକୁ ଉପଲବ୍ଧି କରି ସେବା ଯୋଗାଇବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

# ଓକିଲ ସଂଘ ନିର୍ବାଚନ

## ସଭାପତି ଚନ୍ଦ୍ରଶେଖର, ଡୋଲେଶ୍ୱର ସମ୍ପାଦକ

**ଭବାନୀପାଟଣା, ୨୮ ।୩(ସମିସ):** ନର୍ଲା ଓକିଲ ସଂଘର ନିର୍ବାଚନ ଶେଷ ହୋଇ ଫଳ ପ୍ରକାଶ ପାଇଛି। ରାଜ୍ୟ ଅଧିବକ୍ତା ପରିଷଦଙ୍କ ନିର୍ଦ୍ଦେଶକ୍ରମେ ନର୍ଲାରେ ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ଯୁବରାଜ



ହରିଜନ କାର୍ଯ୍ୟନିର୍ବାହ କରିଥିଲେ। ନିର୍ବାଚନ ଫଳକୁ ନେଇ ନର୍ଲା ଓକିଲ ସଂଘରେ ଖୁସିର ଲହରୀ ଖେଳିଯାଇଛି।ନର୍ଲା ବାର ଆସୋସିଏସନର ନୂତନ ସଭାପତି ଭାବେ ଚନ୍ଦ୍ରଶେଖର ଚାନ୍ଦ, ଉପସଭାପତି ଭାବେ କ୍ଷିତିଶ କୁମାର ମହାପାତ୍ର, ସମ୍ପାଦକ ଭାବରେ ଡୋଲେଶ୍ୱର ସାହୁ, ଯୁଗ୍ମସମ୍ପାଦକ ଭାବେ ବିଭୂତି ଭୂଷଣ ବହିଦାର, ଲାଇବ୍ରେରୀ ସମ୍ପାଦକ ଭାବେ ପ୍ରଦୀପ୍ତ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବରେ ଡ଼ଃ ସଞ୍ଜୟ ଧଙ୍ଗଡ଼ାମାଝୀ ମନୋନୀତ ହୋଇଥିବା ନିର୍ବାଚନ ଅଧିକାରୀ ଯୁବରାଜ ହରିଜନ ପ୍ରକାଶ କରିଛନ୍ତି। ପଣ୍ଡା, ଦିଗାମ୍ବର ଦୁରିଆ, ମିହିର ରଞ୍ଜନ ପଟ୍ଟଯୋଶୀ, ଧୀରେନ୍ଦ୍ରନାଥ ପାତ୍ର, ସନ୍ତୋଷ କୁମାର ମେହେର, ହରିଶ ଚନ୍ଦ୍ର ବାଗଙ୍କୁ କାର୍ଯ୍ୟକାରୀ ସଭ୍ୟଭାବେ ମନୋନୀତ କରାଯାଇଥିଲା।ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ଥବିରପ୍ରସାଦ ସାହୁ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, କୃପାସିନ୍ଧୁ ପଣ୍ଡା, ଲିଙ୍ଗରାଜ ବେହେରା, ବସନ୍ତ କୁମାର ଠାକୁର ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

## ଭବାନୀ ସଭାପତି ଓ ଭବାନୀଶଙ୍କର ସାଧାରଣ ସମ୍ପାଦକ

**ଧର୍ମଗଡ଼:** ଧର୍ମଗଡ଼ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଘଣ୍ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧର୍ମଗଡ଼ କୋର୍ଟ ପରିସରରେ ଭୋଟ ଗ୍ରହଣ ହୋଇଥିଲା। ନିର୍ବାଚନ



ଅଧିକାରୀ ଭାବରେ ବରିଷ୍ଠ ଆଇନଜୀବୀ ଦିନେଶ କୁମାର ଶର୍ମା ନିର୍ବାଚନ ପରିଚାଳନା କରିଥିଲେ। ସଭାପତି ଭାବରେ ଭବାନୀ ଚରଣ ଦାସ ଏବଂ ଉପସଭାପତି ଭାବରେ ଅଶ୍ୱିନ କୁମାର ପଣ୍ଡା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବରେ ଭବାନୀ ଶଙ୍କର ପଣ୍ଡା ସହସମ୍ପାଦକ ରିକି ରାମ ସାଗର, କୋଷାଧ୍ୟକ୍ଷ ଭାବେ ଧନିନ୍ଦ୍ର ନାଏକଙ୍କୁ ନିର୍ବାଚନ ଅଧିକାରୀ ବିଜୟୀ ଘୋଷିତ କରିଥିଲେ।କମଳିନୀ ରଥ, କଲ୍ୟାଣୀ ନାଏକ, ସୁମନ୍ତ କୁମାର ପଣ୍ଡା, ଆଶୁତୋଷ ପାତ୍ର, ସମୀର କୁମାର ମୁଣ୍ଡ, ହିମାଂଶୁ ଶେଖର

## ସନ୍ତୋଷ ସଭାପତି ଓ ନିହାର ସମ୍ପାଦକ

**ଭବାନୀପାଟଣା:** କଳାହାଣ୍ଡି ଓକିଲ ସଂଘ ଭବାନୀପାଟଣାର ସଭାପତି ଭାବରେ ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ନିହାର ରଞ୍ଜନ ମିଶ୍ର, ଉପସଭାପତି ମହେଶ ପ୍ରସାଦ ମହାପାତ୍ର, ଯୁଗ୍ମସମ୍ପାଦକ ହେମନ୍ତ



କୁମାର ଛତ୍ରିଆ ଓ କୋଷାଧ୍ୟକ୍ଷ ଭାବରେ ଜୟନ୍ତ କୁମାର ମୁଣ୍ଡ ନିର୍ବାଚିତ ହୋଇଛନ୍ତି। ସେହିପରି ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ଭାବରେ ଗୌତମ ପଟ୍ଟନାୟକ, ବିନୟ କୁମାର ଦାଶ, ଇଲା ସେଲମା ଓ ଜ୍ୟୋସ୍ନା ମଞ୍ଜରୀ ମିଶ୍ର ଏବଂ କନିଷ୍ଠ କାର୍ଯ୍ୟକାରୀ ସଭ୍ୟ ଭାବରେ ଶକ୍ତି ସ୍ୱରୂପ ବେହେରା ନିର୍ବାଚିତ ହୋଇଛନ୍ତି। ଓକିଲ ସଂଘ ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଓକିଲ ପ୍ରତାପଚନ୍ଦ୍ର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଦୀପ ଚନ୍ଦ୍ର ପାତ୍ର, ସୁଜିତ କୁମାର ବହିଦାର, ଇଶ୍ୱ ରଞ୍ଜନ କୁମାର ଓ ସୂର୍ଯ୍ୟନାରାୟଣ କୁମାର ସହଯୋଗ କରିଥିଲେ।

## ନିହାର ସଭାପତି ଓ ପ୍ରମୋଦ ସମ୍ପାଦକ

**ଜୟପାଟଣା:** କଳାହାଣ୍ଡି ଜିଲ୍ଲା ଜୟପାଟଣା ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ଶେଷ ହୋଇଛି। ଚଳିତ ବର୍ଷ ସମସ୍ତ ପଦବୀ ପାଇଁ କେବଳ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସମସ୍ତ କର୍ମକର୍ତ୍ତା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।ସଭାପତି ଭାବେନିହାର ରଞ୍ଜନ ବେହେରା ଓ ସମ୍ପାଦକ ଭାବେ ପ୍ରମୋଦ କୁମାର ପଣ୍ଡା ନିଦ୍ୱର୍ନ୍ଦ୍ୱ ରେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ତପନ କିରଣ ପାଢ଼ୀ, ଯୁଗ୍ମ ସମ୍ପାଦକସୌମ୍ୟ ରଞ୍ଜନ ହୋତା, ସହକାରୀ ସମ୍ପାଦକ ଅର୍ଦ୍ଧେନ୍ଦୁ ପଣ୍ଡା, କୋଷାଧ୍ୟକ୍ଷ ଜେବି.ଭୂଷଣ ପଣ୍ଡା ନିର୍ବାଚିତ ହୋଇଛନ୍ତି।ଏଥିସହ ବ୍ୟତୀତ ରଜନୀ କାନ୍ତ ପଣ୍ଡା, ଗଙ୍ଗାଧର ପାତ୍ର, ସୌଦାମିନୀ ଦ୍ୱିବେଦୀ, ପଦ୍ମ ଚରଣ ନାଏକ ଏବଂ ନେହା ଶର୍ମା ପ୍ରମୁଖ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

# 'ଜୟ ଶ୍ରୀରାମ' ନାରାରେ କମ୍ପିଲା ସହର

## ଗନ୍ତାୟତପଡ଼ା

**ଜୁନାଗଡ଼, ୨୮ ।୩(ସମିସ):** ଜୁନାଗଡ଼ରେ ଶ୍ରୀରାମ ରାମନବମୀ ପୂଜା କମିଟି ଗନ୍ତାୟତପଡ଼ାସ୍ଥିତ ଶ୍ରୀରାମ ମନ୍ଦିରରେ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି।ଧ୍ରୁବ



କୈବର୍ତ୍ତ ଓ ତାଙ୍କ ଧର୍ମପତ୍ନୀ ସ୍ୱପ୍ନା କୈବର୍ତ୍ତ ଯଜ୍ଞରେ କର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରତିଦିନ ମନ୍ଦିର ପରିସରରେ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ବ୍ୟବସ୍ଥା ସହଗୋଡିପଡ଼ା ଓ ଗନ୍ତାୟତପଡ଼ାର ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ଅନୁଷ୍ଠିତ ହେଉଥିଲା। ଗନ୍ତାୟତପଡ଼ା ରାମ ମନ୍ଦିର କମିଟିର ସଭାପତି ପ୍ରହ୍ଲାଦ କୈବର୍ତ୍ତ ଓ ସମ୍ପାଦକ କହ୍ନେଇ ଲାଲ କୈବର୍ତ୍ତ କୋଷାଧ୍ୟକ୍ଷ ସୁଦର୍ଶନ କୈବର୍ତ୍ତଙ୍କ ତତ୍ତ୍ୱାବଧାନରେ ରାମ ନବମୀ ପାଳିତ ହୋଇଯାଇଛି।ସନ୍ଧ୍ୟାରେ ଛତିଶଗଡ଼ର ଗାୟିକା ଖେମିନା ନିଷାଦଙ୍କ ଛତିଶଗଡ଼ି ପଣ୍ଡୱାନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଉତ୍ସବକୁ ଗନ୍ତାୟତ ରାମନବମୀ ପୂଜା କମିଟିର ସନ୍ତୋଷ କୈବର୍ତ୍ତ, ଜଳଧର କୈବର୍ତ୍ତ, ପ୍ରେମଲାଲ ସିଂହ କୈବର୍ତ୍ତ, ଶ୍ରବଣ କୈବର୍ତ୍ତ, ରାଧିଆ କୈବର୍ତ୍ତ, ପଦ୍ମା କୈବର୍ତ୍ତ, ଇତି କୈବର୍ତ୍ତ ପ୍ରମୁଖ ସହଯୋଗ କରିଥିଲେ।

## ବିକାଶ କଲେଜରେ ଜଳିଲା ୯୯୯୯ ଦୀପ

**ଭବାନୀପାଟଣା:** ସ୍ଥାନୀୟ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି।



ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର ଶିକ୍ଷା ପ୍ରଭାରୀ ଡି ବିଜୟା ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟସ୍ଥିତ ପଡ଼ିଆରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୯୯୯୯ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ପୁରୁଷୋତ୍ତମ ଶ୍ରୀରାମଙ୍କ ବିଶାଳକାୟ ଚିତ୍ର ପ୍ରସ୍ତୁତ କରାଯାଇଥିଲା।ପରେ ଅନୁଷ୍ଠାନର କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ପାଇକ ସମାଜ ପକ୍ଷରୁ ରାମ ନବମୀ

**ଭବାନୀପାଟଣା:** କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜ ପୂର୍ବ ମଣ୍ଡଳ ଦାଦପୁର ଉପମଣ୍ଡଳ ପକ୍ଷରୁ ଶ୍ରୀରାମନବମୀ



ମହୋତ୍ସବ ବରୋଗୁଡ଼ା ଠାରେ ପାଳିତ ହୋଇଯାଇଛି। ଉତ୍ସବ ଦେପୁର ଉପମଣ୍ଡ କୁଳସଦର ସହଦେବ ଧଙ୍ଗଡ଼ାମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ଦିଗାମ୍ବର ବାରିକ ସହଯୋଗ କରିଥଲେ। ମୁଖ୍ୟଅତିଥି ଭାବେ ପୂର୍ବମଣ୍ଡଳ କୁଳପତି ପ୍ରଦିପ କୁମାର ଗଡ଼େଇ, ଉପକୂଳପତି କିଶୋର ଚନ୍ଦ୍ର ଦୁବେ, ପୂର୍ବତନ ଉପକୂଳପତି ଭୈରବ ପ୍ରସାଦ ନାୟକ, ସମ୍ପାଦକ ବାସୁଦେବ ପ୍ରଧାନି, ସାଂଗଠାନିକ ସମ୍ପାଦକ ଧନଞ୍ଜୟ ବିଶି ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ନର୍ଲା ଉପମଣ୍ଡଳ ସମ୍ପାଦକ ଉଦେଭାନୁ ପାତ୍ର, ଭବାନୀପାଟଣା ଉପମଣ୍ଡଳ ପୂର୍ବତନ ସମ୍ପାଦକ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ରାୟ, ମଣ୍ଡଳ ସଦସ୍ୟ ଚତୁର୍ଭୁଜ ଦୁବେ ଉପସ୍ଥିତ ରହିଥିଲେ। ପ୍ରଥମେ ଶ୍ରୀରାମଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ, ପୁଷ୍ପ, ଦୀପ, ଧୂପ ଦେଇ ପୂଜା ଅର୍ଚ୍ଚନା କରାଯାଇଥିଲା। ଉତ୍ସବରେ ବୋରଗୁଡାପଲ୍ଲୀ ସଭାପତି ଗୁରୁବାରୁ ବିଶି, ସମ୍ପାଦକ ଭଗବାନ ଚିନ୍ଦା, ପୂର୍ବତନ ସମ୍ପାଦକ ତୀର୍ଥବାସୀ ବଣୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଦାଦପୁର ଜଗନ୍ନାଥ ପଲ୍ଲୀ, ଡୁଙ୍ଗରି ଗୁଡା ପଲ୍ଲୀ, ସାଲେପଲି ପଲ୍ଲୀର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତା ସହଯୋଗ କରିଥିଲେ। ଶ୍ରୀରାମ ନବମୀ ଉତ୍ସବ କାର୍ଯ୍ୟକ୍ରମକୁ ଉଦୟଭାନୁ ପାତ୍ର ପରିଚାଳନା ରଥିଲେ।ଉତ୍ସବରେ ମହିଳା କମିଟିର ମଣ୍ଡଳ ସଦସ୍ୟ ପ୍ରତିମା ଦୁବେ ବୋରଗୁଡାପଲ୍ଲୀ ସଭାନେତ୍ରୀ ଉପମା ବଣୁଆ, ସମ୍ପାଦକ ହେମାଲତ ଚିନ୍ଦା, ଡୁଙ୍ଗରି ଗୁଡା ସମ୍ପାଦକ ସୁକୁନ୍ତଳା ଦେହେରା ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## କେସିଙ୍ଗା କୈବର୍ତ୍ତ ସମାଜ

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ କୈବର୍ତ୍ତ ସମାଜ ପକ୍ଷରୁ ଅତ୍ୟନ୍ତ ଆଡମ୍ବର ସହକାରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧାମ୍ୱିକ ପରିବେଶ ସୃଷ୍ଟି କରିଥିଲା। ଗୌରୀଶଙ୍କର ମନ୍ଦିର ଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ସମାପନ ପରେ



ଭକ୍ତମାନଙ୍କ ପାଇଁ ସମୂହ ପ୍ରସାଦସେବନର ଆୟୋଜନ କରାଯାଇଥିଲା। ଉତ୍ତମ କୈବର୍ତ୍ତ ଏବଂ ଚନ୍ଦ୍ରମଣି କୈବର୍ତ୍ତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ମୁନସୀ କୈବର୍ତ୍ତ, ସନ୍ତୋଷ କୈବର୍ତ୍ତ, ମୀନକେତନ କୈବର୍ତ୍ତ, ଜଳନ୍ଧର କୈବର୍ତ୍ତ ଓ ଧନେଶ୍ୱର କୈବର୍ତ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# କୃଷି ଉତ୍ପାଦକ ସଂଗଠନ ସଦସ୍ୟଙ୍କ ନାସିକ ସାହ୍ୟାଦ୍ରି ଫାର୍ମ ପରିଦର୍ଶନ

**ନୂଆପଡ଼ା, ୨୮ ।୩(ସମିସ):** ନୂଆପଡ଼ା ଜିଲ୍ଲାରେ କୃଷି ଉତ୍ପାଦକ ସଂଗଠନ(ଏଫପିଓ) ସଦସ୍ୟଙ୍କ ମହାରାଷ୍ଟ୍ରର ନାସିକ ସ୍ଥିତ ସାହ୍ୟାଦ୍ରି କୃଷି ଫାର୍ମକୁ ଏକ ସାପ୍ତାହିକ କ୍ଷେତ୍ର ପରିଦର୍ଶନ(ଏକ୍ସପୋଜର୍ ଭିଜିଟ୍)ର ଆଜି ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟ ପରିସରରୁ ଦଳର ଗସ୍ତକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗସ୍ତ ୨୬ ମାର୍ଚ୍ଚ ଠାରୁ ୦୧ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ ନାସିକରେ ପିଆଜ ଚାଷ, ଉତ୍ପାଦନ ଓ ବଜାର ବ୍ୟବସ୍ଥା ବିଷୟରେ ଅଭିଜ୍ଞତା ଆହରଣ କରି ତାହାକୁ ନିଜ ଜିଲ୍ଲାରେ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। କ୍ଷେତ୍ର ପରିଦର୍ଶନ 'ସପୋର୍ଟ ଟୁ ଏଫପିଓସ' ଯୋଜନା ଅଧୀନରେ ଓଡ଼ିଶା କୃଷି ଉତ୍ପାଦନ ସଶକ୍ତିକରଣ ଓ ଉଦ୍ୟାନ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଜିଲ୍ଲାର ୮ଟି କୃଷି ଉତ୍ପାଦକ ସଂଗଠନରୁ ୩ଜଣ ଲେଖାଏ ମୋଟ ୨୪ଜଣ ସଦସ୍ୟ ଗସ୍ତରେ ସାମିଲ ହୋଇଛନ୍ତି।ବୋଡେନ ଉଦ୍ୟାନ କୃଷି ଅଧିକାରୀ ରବୀନ୍ଦ୍ର ନାଗଙ୍କ ନେତୃତ୍ୱରେ ଦଳ ଗସ୍ତ କରିଛି। ପରିଦର୍ଶନ ସମୟରେ ସଦସ୍ୟମାନେ ସାହ୍ୟାଦ୍ରି କୃଷି ଫାର୍ମରେ ଆଧୁନିକ ପ୍ରଯୁକ୍ତିରେ ପିଆଜ ଚାଷ, ସଂରକ୍ଷଣ, ପ୍ରୋସେସିଂ ଓ ବଜାରଯୋଗାଣ ବ୍ୟବସ୍ଥା ବିଷୟରେ ପ୍ରାୟୋଗିକ ଅଭିଜ୍ଞତା ଅଧିଗତ କରିବେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉଦ୍ୟାନ ବିଭାଗର ସହାୟକ ନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଂସଦା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ପିପଲଝାପର-ବିଜୁ ଏକ୍ସପ୍ରେସ୍ ସଂଯୋଗ ରାସ୍ତା ଶୋଚନୀୟ

**କୋକସରା, ୨୮ ।୩(ସମିସ):** କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତର ପିପଲଝାପର ଠାରୁ ବିଜୁ ଏକ୍ସପ୍ରେସ୍‌ୱେ କୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ପଞ୍ଚାୟତ ଅଧୀନରେ ଥିବା ରାସ୍ତା ପ୍ରତିବର୍ଷ ବିଭିନ୍ନ ଯୋଜନା ମାଧ୍ୟମରେ ମରାମତି କରାଯାଉଥିଲେ ମଧ୍ୟ ରାସ୍ତା ଅବସ୍ଥାରେ ସୁଧାର ଆସି ପାରୁନାହିଁ। ରାସ୍ତାର ସ୍ଥାନେ ସ୍ଥାନେ ଖଲଖାମା ରହିଛି। ଲୋକେ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ରାସ୍ତାରେ ଚାରି ଚକିଆ ଯାନବାହନ



ଚଳାଚଳ କରିବା ଭାରି କଷ୍ଟକର ହୋଇଥାଏ। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହିଥାଏ। ଗାଁକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଚାରିଚକିଆ ଯାନବାହନ ଯିବାକୁ ହେଲେ ଗୋତମୁଣ୍ଡା ଦେଇ ବୁଲିବାକୁ ପଡ଼ିଥାଏ। ଏହି ରାସ୍ତାରେ ଅଞ୍ଚଳର ପ୍ରାୟ ୩ଖଣ୍ଡ ଗାଁର ଲୋକେ ଯାତାୟାତ କରିଥାନ୍ତି। ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ସହ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିପୁଳ ପୋଚ ନଷ୍ଟ ସହ ମଦ ଜବତ

**ଜୟପାଟଣା, ୨୮ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଡୁମରିଖୋଲ ଜଙ୍ଗଲ ନାଳ ପାଖରେ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ ଓ ପୋଚ ନଷ୍ଟ କରାଯିବା ସହ ଜବତ କରାଯାଇଛି। ଜୟପାଟଣା ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଡୁମଡ଼ିଖୋଲ ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ସେଠାରେ ଥିବା ଏକ ନାଳ ପାଖରେ ମଦ ରନ୍ଧା ପାଇଁ ପ୍ରସ୍ତୁତ ରଖାଯାଇଥିବା ପ୍ରାୟ ୧୦ ହଜାର କେଜି ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ବେଳେ ୧୫୦ ଲିଟର ଦେଶୀ ମଦ ଜବତ କରାଯାଇଛି ହେଲେ କେହି ଗିରଫ ହୋଇନାହାନ୍ତି। ଚଢ଼ଉରେ ଧର୍ମଗଡ଼ ରେଞ୍ଜଇନ୍ସପେକ୍ଟର ଅରୁଣ କୁମାର ଯୋଶୀ, ଜୟପାଟଣା ଓଆଇସି ସୁରେଶ ଚନ୍ଦ୍ର ଭୋଇ, କୋକସରା ଓଆଇସି ଗୁପ୍ତେଶ୍ୱର ପଟେଲ।ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ଏଏସଆଇ ସତ୍ୟନାରାୟଣ ପ୍ରଧାନ ସାମିଲ ଥିଲେ।

## ବଢୁଛି ଚୋରା ମଦ ଓ ଗଞ୍ଜେଇ କାରବାର

# ଅବକାରୀ ବିଭାଗ ନିରବଦ୍ରଷ୍ଟା

**କେସିଙ୍ଗା, ୨୮ ।୩(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହର ଜିଲ୍ଲାର ଧର୍ମନଗରୀ ଭାବରେ ଜିଲ୍ଲାରେ ବେଶ ଜଣାଶୁଣା। ଏଠାରେ ୧୨ ମାସରେ ୧୩ ପର୍ବ ପାଳନ ହୋଇଥାଏ। କିନ୍ତୁ ଧର୍ମନଗରୀ କିଛି ଲୋକଙ୍କ ପାଇଁ ବଦନାମ ହେବାରେ ଲାଗିଛି। ସହରର ବୋରୀଙ୍ଗପଦର ଠାରୁ ବଲାଙ୍ଗିର ଛକ ପର୍ଯ୍ୟନ୍ତ ସବୁ ଛକମାନଙ୍କରେ ମିଳୁଛି ଚୋରା ମଦ ଓ ଗଞ୍ଜେଇ। ସହର ୫୦ ପ୍ରତିଶତରୁ ଅଧିକ ଯୁବଗୋଷ୍ଠି ନିଶାଶକ୍ତ ହୋଇ ବହୁ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ସ୍ଥାନୀୟ ପୁଲିସ ନାମକୁ ମାତ୍ର ବେଳେ ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମଦ ଗଞ୍ଜେଇ ଜବତ କରିଛି। ହେଲେ ଅବକାରୀ ବିଭାଗ କିନ୍ତୁ ଚୁପ ବସିଛି। ସତେ ଯେମିତି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି ବିଭାଗ। ଶୁଣିବାକୁ

**ସହରର ସବୁ ଛକରେ ମିଳୁଛି ପାଉଚ ମଦ**

ମିଳୁଛି ଅବକାରୀ ବିଭାଗ କୁଆଡେ ବର୍ତ୍ତମାନ ମହୁଲ ସିଜନ୍ ହୋଇଥିବାରୁ ଚୋରା ମହୁଲ ଚାଲାଣ ରୋକିବାରେ କାମ କରୁଛନ୍ତି। ହେଲେ ଚଳିତ ସିଜନରେ କେତେ ଚୋରା ମହୁଲ ସିଜ କଲେଣି ଆମ ପାଖରେ ଖବର ନାହିଁ। ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଆଜି କେସିଙ୍ଗା ସହର ଧର୍ମନଗରୀରୁ ଅଧର୍ମନଗରୀରେ ପରିଣତ ହେବାକୁ ଯାଇଛି।କିଛି ଯୁବଗୋଷ୍ଠୀ ସନ୍ଧ୍ୟା ହେଲେ ମଦ ଗଞ୍ଜେଇ ପିଇ ଛକମାନକର ଠିଆ ହୋଇ ଯିବା ଆସିବା ଲୋକଙ୍କ ସହିତ ଅଭଦ୍ରାମି କରୁଥିବା ଅନେକ ଉଦାହରଣ ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଗକୁ ସହରରେ ହେଉଥିବା ଚୋରା ମଦ ଗଞ୍ଜେଇ କାରବାରକୁ କାବୁ ନ କଲେ ଆଗାମୀ ଦିନରେ କେସିଙ୍ଗା ସହର ଜିଲ୍ଲାରେ ମଦ ଗଞ୍ଜେଇ ର ସହର ଭାବରେ ନାମିତ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# ରବି ଧାନ ପଞ୍ଜୀକରଣରୁ ବାଦ୍ ପଡ଼ିଲେ ଉଠା ଜଳସେଚନ ଚାଷୀ

**ଜୟପାଟଣା, ୨୮ ।୩(ସମିସ):** ରାଜ୍ୟରେ ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଉଠା ଜଳସେଚନ ଉପରେ ନିର୍ଭର କରୁଥିବା ହଜାର ହଜାର ଚାଷୀ ବାଦ ପଡ଼ିଛନ୍ତି। ପଞ୍ଜୀକରଣରୁ ବାଦ୍ ପଡ଼ିଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ନେଇ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଅନୁରୋଧ କରିଛନ୍ତି।ପୂର୍ବତନ ମନ୍ତ୍ରୀ ତଥା ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଯଦି ଚାଷୀଙ୍କ ଧାନ କ୍ରୟ ପାଇଁ କ୍ଷମତା ନଥିଲା ତେବେ ଜଳ ଯୋଗାଣ କାହିଁକି କରୁଥିଲେ, ଏହା ବହୁ ନିନ୍ଦାନୀୟ, ଆଗାମୀ ଦିନରେ ଚାଷୀ ଏହାର ଠିକ ଜବାବ ଦେବେ ବୋଲି କହିଛନ୍ତି। ଚଳିତ ରବି ଋତୁରେ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ୭୬ ଗାଁର ପ୍ରାୟ ୧୮, ୮୮୫ ହେକ୍ଟର ଚାଷ ଜମିକୁ ଉଠା ଜଳସେଚନ ଜରିଆରେ ପାଣି ଯୋଗାଇ ଦିଆଯାଇଛି। ମାତ୍ର ବିଡ଼ମ୍ବନାର ବିଷୟ, ସରକାର ପାଣି ଯୋଗାଇ ଦେଇଥିଲେ ହେଁ ଧାନ ବିକ୍ରି ପାଇଁ ପଞ୍ଜିକରଣ ସୁଯୋଗ ନଦେବା ଚାଷୀଙ୍କୁ ବିଚଳିତ କରିଛି।ଯଦି ତୁରନ୍ତ ଏହି ଚାଷୀମାନଙ୍କୁ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରାନଯାଏ, ତେବେ ଆଗାମୀ ଦିନରେ ବଡ଼ ଧରଣର ଚାଷୀ ଆନ୍ଦୋଳନ ହେବାର ଆଶଙ୍କା ଦେଖାଦେଇଛି।

